## ମାଟ୍ରିକ ପରିକ୍ଷାରେ ସଫଳତା ହାସଲ କରିଥିବା ଛାତ୍ର ଛାତ୍ରୀଙ୍କୁ ସମ୍ବର୍ଦ୍ଧନା ।

## କଠିନ ପରିଶ୍ରମ ଜାରି ରଖୀ ଓ ମେଧାବୀ ଗୁଣକୁ ବଜାୟ ରଖ-ଜିଲ୍ଲାପାଳ ।

ଅନୁଗୋଳ,ତା.୦୪.୦୬:- ବାର୍ଷିକ ମାଟ୍ରିକ ପରିକ୍ଷାରେ ଅନୁଗୋଳ ଜିଲ୍ଲାରୁ A1 ଗ୍ରେଡରେ ଶତକଡା ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି ଉତୀର୍ଣ୍ଣ ହୋଇଥିବା ୫୨ ଜଣ ଛାତ୍ର ଛାତ୍ରୀଙ୍କ ପାଇଁ ଆଜି ପୂର୍ବାହ୍ନରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ବର୍ଦ୍ଧନା ସଭାରେ ଅନୁଗୋଳ ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମେଧାବି ଛାତ୍ର ଛାତ୍ରୀମାନଂକୁ ସମ୍ବର୍ଦ୍ଧିତ କରିବା ସହ କଠିନ ପରିଶ୍ରମ ଓ ଅଧ୍ୟବସାୟ ବଳରେ ଭବିଷ୍ୟତରେ ସଫଳତା ଅର୍ଜନ କରି ଜିଲ୍ଲାର ଗୌରବ ବୃଦ୍ଧି କରିବାକୁ ଛାତ୍ର ଛାତ୍ରୀମାନଂକୁ ପରାମର୍ଶ ଦେଇଛନ୍ତି । ମାଟ୍ରିକ ପରିକ୍ଷାର ଫଳାଫଳକୁ ଜଣେ ଛାତ୍ରର ପାଠପଢା କ୍ୟାରିଅରର ପ୍ରଥମ ପ୍ଲାଟଫର୍ମ ଭାବେ ବିବେଚନା କରାଯାଉଛି । ସାଧାରଣ ପରିବେଶରୁ ଆସି ଅସାଧାରଣ ପ୍ରତିଭା ହାସଲ କରିଥିବା ଛାତ୍ର ଛାତ୍ରୀମାନଂକୁ ସେମାନଂକର ମେଧାବୀ ଗୁଣକୁ ବଜାୟ ରଖିବା ସହ ଜୀବନରେ ବଡ ବଡ ସ୍ୱପ୍ନ ଦେଖି ଏହାକୁ ସାକାର କରିବାକୁ ପରାମର୍ଶ ଦେଇଛନ୍ତି । ପ୍ରଚଳିତ ବୈଷୟିକ ଯୁଗରେ ନିଜର ମନୋବଳକୁ ଦୃଢ କରି ଧୈର୍ଯ୍ୟର ସହିତ ପାଠ ପଢି ଯେ କୌଣସି ପ୍ରକାର ଆହ୍ୱାନର ମୁକାବିଲା କରିବାକୁ ପରାମର୍ଶ ଦେଇଛନ୍ତି । ପ୍ରତ୍ୟେକ ପିତାମାତାମାନେ ନିଜର ମୂଲ୍ୟବାନ ସମୟ ଦେଇ ଦାୟିତ୍ୱର ସହ ପିଲାମାନଂକର ପାଠପଢାକୁ ତଦାରଖ କରିବା ସହ ସେମାନଂକର ରୁଚି ଅନୁଯାୟୀ ପାଠ ପଢାଇବା ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଛନ୍ତି । ସମ୍ମାନିତ ଅତିଥି ଭାବେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଅତୁଲ୍ୟ କୁମାର ଚମ୍ପତିରାୟ ଯୋଗ ଦେଇ ଭଲ ପାଠ ପଢି ନିଜର ମଣିଷ ପଣିଆକୁ ପ୍ରଦର୍ଶିତ କରିବା ସହ ବିନା ଚାପରେ ଶିକ୍ଷା ଗ୍ରହଣ କରି ସମାଜର ବିକାଶ ଧାରାରେ ନିଜକୁ ସାମିଲ କରିବାକୁ ଛାତ୍ର ଛାତ୍ରୀମାନଂକୁ ପରାମର୍ଶ ଦେଇଛନ୍ତି । ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ ଆୟୋଜିତ ଏହି ସମ୍ବର୍ଦ୍ଧନା ଉତ୍ସବରେ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ସଚ୍ଚିଦାନନ୍ଦ ବେହେରା ଅଧ୍ୟକ୍ଷତା କରି ୪ ବର୍ଷ ହେଲା ଏହିଭଳି ମେଧାବି ଛାତ୍ର ଛାତ୍ରୀମାନଂକୁ ସମ୍ବର୍ଦ୍ଧିତ କରାଯାଇ ଉତ୍ସାହିତ କରାଯାଉଛି ବୋଲି ପ୍ରକାଶ କରିଥିଲେ । ଜିଲ୍ଲା ଖଣିଜ ପାଣ୍ଠି ତରଫରୁ ପ୍ରତ୍ୟେକ ମେଧାବୀ ଛାତ୍ରଂକୁ ୨ ହଜାର ଟଂକାର ପ୍ରୋତ୍ସାହନ ରାଶି ଦିଆଯାଇ ଉତ୍ସାହିତ କରାଯାଇଥିଲା । ସର୍ବଶିକ୍ଷା ଅଭିଯାନର ପ୍ରକଳ୍ପ ସଂଯୋଜକ ଶ୍ରୀ ନିରଂଜନ ସାହୁ ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଶରତ ଚନ୍ଦ୍ର ସେଠୀ ଓ ଅତିରିକ୍ତ ଜିଲ୍ଲା ଶିକ୍ଷା ଶିକ୍ଷାଧିକାରୀ ଗୀତା କେରକେଟା ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଛାତ୍ର ଛାତ୍ରୀମାନଂକୁ ଉତ୍ସାହିତ କରିଥିଲେ । ଏହି ସମ୍ବର୍ଦ୍ଧନା ଉତ୍ସବରେ

ଜିଲ୍ଲାରୁ ଶତ ପ୍ରତିଶତ ଫଳାଫଳ କରିଥିବା ୫ଟି ବିଦ୍ୟାଳୟ ଓ A1 ଗ୍ରେଡରେ ଶତକଡା ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ୧୫ଟି ବିଦ୍ୟାଳୟର ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କଲିୟାରୀ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଶ୍ରୀ ରଂଜନ କୁମାର ସାହୁ ଓ ଗଡତରାସ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ଗୁଣ୍ଡିଚାରାଣୀ ଖୁଣ୍ଟିଆ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଶ୍ରୀ କେଦାର ବେହେରାଙ୍କ ସମେତ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟର କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ । ଜିଲ୍ଲାରୁ ସମୁଦାୟ ୧୭,୨୦୭ ଜଣ ଛାତ୍ର ଛାତ୍ରୀ ପରିକ୍ଷା ଦେଇ ୧୨,୪୯୮ ଜଣ ଉର୍ତ୍ତୀର୍ଣ୍ଣ ହୋଇଥିଲେ ଯାହାର ପାସ ହାର ୭୨.୮୧ ପ୍ରତିଶତ ଥିବା ବେଳେ ରାଜ୍ୟର ପାସ ହାରଥିଲା ୭୦.୭୮ ପ୍ରତିଶତ । **A1** ଗ୍ରେଡରେ ୫୨ ଜଣ, **A2** ଗ୍ରେଡରେ ୩୮୪ଜଣ, **B1** ଗ୍ରେଡରେ ୮୮୭ ଜଣ, **B2** ଗ୍ରେଡରେ ୧୭୪୪, **C** ଗ୍ରେଡରେ ୨୬୬୬, **D** ଗ୍ରେଡରେ ୩୩୭୨ ଓ **E** ଗ୍ରେଡରେ ୩୩୯୩ ଜଣ ଉର୍ତ୍ତୀର୍ଣ୍ଣ ହୋଇଛନ୍ତି । ଏହି ଉତ୍ସବରେ ଓଷ୍ଟାର ସଭାପତି ଶ୍ରୀ ସରୋଜ କୁମାର ପାଣିଗ୍ରାହୀ ଓ ମେଧାବୀ ଛାତ୍ର ଛାତ୍ରୀଙ୍କ ସମେତ ସେମାନଙ୍କର ଅଭିଭାବକ ଓ ସମ୍ପୃକ୍ତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନେ ଯୋଗ ଦେଇଥିଲେ ।






ଯୋଗ୍ୟତାଧାରୀ
ମେଧାବୀ
TOILET

